ଏସ୍ . ଭି . ବିଶ୍ୱବିଦ୍ୟାଳୟର ଡକ୍ଟରେଟ ପରବର୍ତ୍ତୀ ଗବେଷଣା ସହଯୋଗୀ, ଡକ୍ଟର କେ. କ୍ରିଷ୍ଣା ରେଡ୍ଡୀ ଏବଂ ଅନ୍ୟମାନେ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଏପ୍ରିଲ 26,2002

[ଏସ୍. ରାଜେନ୍ଦ୍ର ବାବୁ ଏବଂ ପି. ଭେଙ୍କଟରାମା ରେଡ୍ଡୀ, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ:*

*ଗବେଷଣା ସହଯୋଗୀମାନଙ୍କର ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ/ବୈଜ୍ଞାନିକ ଏବଂ ଔଦ୍ୱଗିକ ଅନୁସନ୍ଧାନ ପରିଷଦ ଯୋଜନା ଅଧୀନରେ ସ୍ଥିର କାର୍ଯ୍ୟକାଳ ପାଇଁ ଚୁକ୍ତି ଆଧାରରେ ନିଯୁକ୍ତି - ନିରନ୍ତରତା/ନିୟମିତକରଣ- ରାୟ ଦିଆଗଲା ଯେ : ସମାଜ କଲ୍ୟାଣ ମାଧ୍ୟମରେ ଏପରି ଯୋଜନାଗୁଡ଼ିକ ଗବେଷଣାରତ ସହଯୋଗୀମାନଙ୍କୁ କେବଳ ବେକାରୀ ସମୟରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ପାଇଁ ସହାୟତା ପ୍ରଦାନ କରିଥାଏ, ଯାହାଦ୍ୱାରା ସେମାନେ ଚାକିରି ପାଇପାରିବେ ଏବଂ ତେଣୁ ଏହି ଯୋଜନାଟି ତ୍ରୁଟିପୂର୍ଣ୍ଣ ନୁହେଁ-ତେଣୁ ଏହି ଉଦ୍ଦେଶ୍ୟରେ କୌଣସି ଯୋଜନାକୁ ପ୍ରସ୍ତୁତ କରିବା ନିମିତ୍ତ ନିର୍ଦ୍ଦେଶ ଦେବା ଉପଯୁକ୍ତ ହେବ ନାହିଁ ।*

**ଆଜ୍ଞାଦେଶ ଆବେଦନକାରୀମାନେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ/ବୈଜ୍ଞାନିକ ଏବଂ ଔଦ୍ୱଗିକ ଗବେଷଣା ପରିଷଦ ଦ୍ୱାରା ପ୍ରସ୍ତୁତ ଯୋଜନା ଅଧୀନରେ ଡକ୍ଟରେଟ୍ ପରବର୍ତ୍ତୀ ସହଯୋଗୀ ଅଟନ୍ତି ଯାହା ପ୍ରାରମ୍ଭିକ ଭାବେ 3 ବର୍ଷର ଅବଧି ପାଇଁ ଥିଲା , କିନ୍ତୁ ତାହାକୁ ଏକ ବିଶେଷଜ୍ଞ କମିଟି ଦ୍ୱାରା ଆକଳନ ପରେ ଆହୁରି ଏକ କିମ୍ବା ଦୁଇ ବର୍ଷ ପାଇଁ ବୃଦ୍ଧି କରାଯାଇପାରିବ କିନ୍ତୁ ମୋଟ ଅବଧି 5 ବର୍ଷରୁ ଅଧିକ ହେବ ନାହିଁ ।ତଥାପି, କର୍ତ୍ତୃପକ୍ଷ ସେମାନଙ୍କୁ ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟଗୁଡ଼ିକରେ ରେ ଚାକିରି ପାଇବାରେ ସାହାଯ୍ୟ କରିଥିଲେ କିନ୍ତୁ ସେମାନଙ୍କୁ ଅଧ୍ୟାପକ ଭାବରେ ମନୋନୀତ କରାଯାଇ ନଥିଲା ଏବଂ ସେମାନଙ୍କୁ ଦିଆଯାଉଥିବା ପାରିଶ୍ରମିକ ବିଶ୍ୱବିଦ୍ୟାଳୟରେ ବିଦ୍ୟମାନ ଯୋଜନା ସହିତ କୌଣସି ସମ୍ପର୍କ ରଖେ ନାହିଁ**

**।ଆବେଦନକାରୀମାନେ** ସେମାନଙ୍କ ପାଇଁ ଗବେଷଣା ସହଯୋଗୀତା ଜାରି ରଖିବା ପାଇଁ ନିବେଦନ କଲେ ।

ଆବେଦନକାରୀଙ୍କ ତରଫରୁ ଏହା ଯୁକ୍ତି କରି ଦର୍ଶାଯାଇଥିଲା ଯେ ଥରେ ଗବେଷଣା ସହଯୋଗୀମାନଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ କରାଯାଇଥିବା ଗବେଷଣାର ବୈଧତା ବିଷୟରେ ଏବଂ ଏଥି ସମ୍ବନ୍ଧୀୟ ଖର୍ଚ୍ଚ ସଠିକ୍ ଭାବରେ ବ୍ୟବହୃତ ହୋଇଛି କି ନାହିଁ ତାହାର କୌଣସି ଆକଳନ କରାଯାଇ ନଥିଲା; ଯୋଜନାଗୁଡିକ ସ୍ପଷ୍ଟ ଭାବରେ ସୂଚିତ କରୁଥିଲେ ଯେ ଗବେଷଣା ସହଯୋଗୀମାନଙ୍କୁ ସ୍ଥାୟୀ ଭାବରେ ବିବେଚନା କରାଯାଉଥିଲା; ଏବଂ ଯଦି ସେମାନଙ୍କୁ ଚାକିରି ସୁରକ୍ଷା ପ୍ରଦାନ କରାଯାଇଥାନ୍ତା, ତେବେ ସେମାନେ ଚାକିରି ଖୋଜିବା ସ୍ଥିତିରେ ରହି ନଥାନ୍ତେ ଏବଂ ସେମାନଙ୍କର ସେବା କେବଳ ଉଦ୍ୟୋଗଗୁଡ଼ିକ ପାଇଁ ନୁହେଁ ବରଂ ଦେଶ ପାଇଁ ମଧ୍ୟ ଉପଯୋଗୀ ହୋଇଥାନ୍ତା ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ତରଫରୁ ଏହା ଦର୍ଶାଇ ଯୁକ୍ତି କରାଯାଇଥିଲା ଯେ ଗବେଷଣା ସହଯୋଗୀ ପଦଟି କୌଣସି ପଦବୀ ସୃଷ୍ଟି କିମ୍ବା ଅନ୍ୟ କୌଣସି ନିଯୁକ୍ତିର ପରିକଳ୍ପନା କରିବ ନାହିଁ;  ଏହି ଯୋଜନା ସେମାନଙ୍କୁ ଡକ୍ଟରେଟ୍ ପରବର୍ତ୍ତୀ ଅଭିଜ୍ଞତା ପ୍ରଦାନ କରିଥିଲା; ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସ୍ଥାୟୀ ମାନ୍ୟତା ପ୍ରଦାନ କରିବା ସପକ୍ଷରେ ନଥିଲେ ; ଏହି ଯୋଜନା ଜୁନ୍, 1998 ରେ ବନ୍ଦ ହୋଇଯାଇଥିଲା ; ଏବଂ ଗବେଷଣା ବୈଜ୍ଞାନିକ ଯୋଜନା ଏଥିରେ ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ସହିତ ସ୍ଥାୟୀ ଏବଂ ସମାନତା ସୃଷ୍ଟି କରିଥିଲା କିନ୍ତୁ ଗବେଷଣା ସହଯୋଗୀ ଯୋଜନା ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ସହିତ ସ୍ଥାୟୀ ଏବଂ ସମାନତା ବିଷୟରେ କୌଣସି ବିଚାର କରିନଥିଲା ।

ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ତରଫରୁ ଏହା ଦର୍ଶାଇ ଯୁକ୍ତି କରାଯାଇଥିଲା ଯେ ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ବୈଜ୍ଞାନିକମାନଙ୍କୁ ଅସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେବା, ଯାହାଦ୍ୱାରା ସେମାନେ ନିୟମିତ ଭାବେ ଚାକିରି ଖୋଜିବାରେ ସୁବିଧା ପାଇପାରିବେ। ଏବଂ ଏହା ଯେ କେବଳ ସେହି ବୈଜ୍ଞାନିକମାନେ ଯେଉଁମାନେ ନିୟମିତ ଭାବେ 15 ବର୍ଷ କିମ୍ବା ତା 'ଠାରୁ ଅଧିକ ଗବେଷଣା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି, ସେମାନେ ପ୍ରତିଭା ମିଶ୍ର ଏବଂ ଅନ୍ୟମାନେ ବନାମ ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ମାମଲାରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର ରାୟକୁ ଦୃଷ୍ଟିରେ ରଖି ଯୋଗ୍ୟ ବିବେଚିତ ହୋଇଥିଲେ, ଯାହାକୁ ସର୍ବୋଚ୍ଚ

ନ୍ୟାୟାଳୟଙ୍କ ଦ୍ଵାରା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଏବଂ ଅନ୍ୟମାନେ ବନାମ ଡକ୍ଟର ଅଜୟ କୁମାର ଜେନ୍ **2000] 4 SCC186** ମାମଲାରେ ସ୍ପଷ୍ଟ କରାଯାଇଥିଲା ।

ଆଜ୍ଞାଦେଶ ଆବେଦନକୁ ଖାରଜ କରି ଏହି ନ୍ୟାୟାଳୟ ରାୟ ଦେଲେ ଯେ :

**1.**ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ/ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଦ୍ଵାରା ବିକଶିତ ଏହି ଯୋଜନାଟି ପ୍ରାରମ୍ଭିକ ଭାବେ ପାଞ୍ଚ ବର୍ଷ ପାଇଁ ବେକାର ଥିବା ଗବେଷକମାନଙ୍କ ପାଇଁ କେବଳ ଏକ ସହାୟକ ଯୋଜନା ଥିଲା । ଏହି ଯୋଜନା ସେହି ଗବେଷକମାନଙ୍କୁ ଉପଲବ୍ଧ ଥିଲା ଯେଉଁମାନେ ପି. ଏଚ୍. ଡି. କରିଥିବେ ଏବଂ ଯେତେବେଳେ ସେମାନଙ୍କର କୌଣସି ଚାକିରି ନଥିବ, କାର୍ଯ୍ୟରେ ସକ୍ରିୟ ରହିବା ପାଇଁ ସେମାନଙ୍କର ପାଞ୍ଚ ବର୍ଷର ପ୍ରତୀକ୍ଷା ଅବଧି ଥିବ, ସେହି କ୍ଷେତ୍ରରେ କାର୍ଯ୍ୟକାଳ ଆଧାରରେ ଗବେଷଣା ଜାରି ରଖିବା ପାଇଁ ସେମାନଙ୍କୁ ସୁବିଧା ଯୋଗାଇ ଦିଆଯିବ । ଯଦି ଏହା ହେଉଛି, ତେବେ ଏହା କହିବା ଠିକ୍ ହେବ ନାହିଁ ଯେ କେବଳ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଗବେଷକମାନଙ୍କୁ ନିୟୋଜିତ କରାଯାଇଛି, କିନ୍ତୁ ସେମାନଙ୍କ ବେକାରୀ ସମୟରେ ସେମାନଙ୍କୁ ସମର୍ଥନ କରିବା ପାଇଁ ନୁହେଁ ଏବଂ ଯଦି ସେହି ଦିଗକୁ ଧ୍ୟାନରେ ରଖାଯାଏ, ତେବେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଏପରି ପ୍ରାର୍ଥୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ସମର୍ଥନ ଦେବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି, ଯେଉଁ ସମୟରେ ସେମାନେ ଏକ ଉପଯୁକ୍ତ ବିଶ୍ୱବିଦ୍ୟାଳୟ କିମ୍ବା ଅନୁଷ୍ଠାନରେ କିମ୍ବା ଅନ୍ୟ କୌଣସି ସଂସ୍ଥାରେ ଚାକିରି ପାଇପାରିବେ, ତେବେ ଏହା କୁହାଯାଇପାରିବ ନାହିଁ ଯେ ଏପରି ଯୋଜନା ତ୍ରୁଟିପୂର୍ଣ୍ଣ ଥିଲା । ଅଧିକନ୍ତୁ ଏକ ସାମାଜିକ କଲ୍ୟାଣମୂଳକ ପଦକ୍ଷେପ ମାଧ୍ୟମରେ ଏପରି କାର୍ଯ୍ୟ କରାଯାଇଛି, କିନ୍ତୁ ଏହା କେବଳ ବୈଜ୍ଞାନିକ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ପାଇଁ ନୁହେଁ ଯାହା ଏହି ଯୋଜନା ଅଧୀନରେ ଏକ ଆନୁସଙ୍ଗିକ ଫଳାଫଳ ହୋଇପାରେ । ତେଣୁ ଏ ଦିଗରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଦ୍ଵାରା ପ୍ରସ୍ତୁତ କରାଯାଉଥିବା କୌଣସି ଯୋଜନାକୁ ନିର୍ଦ୍ଦେଶ ଦେବା ଉଚିତ ନୁହେଁ । ଏହି ନ୍ୟାୟାଳୟ କେବଳ ଏତିକି ଆଶା କରିପାରିବେ ଯେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଏହି ବିଦ୍ଵାନମାନଙ୍କ ଦ୍ଵାରା କରାଯାଇଥିବା ଗବେଷଣା କାର୍ଯ୍ୟକୁ ଧ୍ୟାନରେ ରଖିବେ ଏବଂ ଯେତେବେଳେ କୌଣସି ସୁଯୋଗ ଆସିବ ସେମାନଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ କରିବେ । ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଏବଂ ଅନ୍ୟମାନେ ବନାମ ଡକ୍ଟର ଅଜୟ କୁମାର ଜେନ୍,**[2000] 4 SCC 186,** ମାମଲା ଉପରେ ନିର୍ଭର କରାଗଲା । ପ୍ରତିଭା ମିଶ୍ର

**ଏବଂ ଅନ୍ୟମାନେ ବନାମ ବୈଜ୍ଞାନିକ ଏବଂ ଔଦ୍ୱଗିକ ଗବେଷଣା ପରିଷଦ ମାମଲାରେ ପ୍ରଭେଦ ଦର୍ଶାଗଲା ।**

*ଡକ୍ଟର ଭି. ଏଲ. ଚନ୍ଦ୍ର ଏବଂ ଅନ୍ୟମାନେ ବନାମ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ,* **[1990] 3 SCC 39** *ଏବଂ ଡକ୍ଟର ଭି. ପି. ଚତୁର୍ବେଦୀ ଏବଂ ଅନ୍ୟମାନେ ବନାମ ଭାରତ ସଂଘ* **ଏବଂ ଅନ୍ୟମାନେ, [1991] 4 SCC 171 ମାମଲାଗୁଡ଼ିକୁ ତର୍ଜମା କରାଗଲା ।**

ଦେୱାନୀ ମୂଳ କ୍ଷେତ୍ରାଧିକାର : ଆଜ୍ଞାଦେଶ ଆବେଦନ ସଂଖ୍ୟା 67/1998 ।

(ଭାରତ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ)

ସହିତ

ଆଜ୍ଞାଦେଶ ଆବେଦନ ସଂଖ୍ୟା (C) ସଂଖ୍ୟା 101,102,103,444,62,117,118 ଏବଂ 194/1998 ।

ଉପସ୍ଥିତ ଥିବା ପକ୍ଷଗୁଡ଼ିକ ପାଇଁ ଅତିରିକ୍ତ ମହାନ୍ୟାୟଭିକର୍ତ୍ତା ମୁକୁଲ ରୋହତାଗୀ, ଏଲ୍. ନାଗେଶ୍ୱର ରାଓ, ପି. ଏସ୍. ସି. ନରସିଂହମା , ଭି. ଜି. ପ୍ରଗସମ, ସୁଶ୍ରୀ ମୃଦୁଲା ରାୟ ଭରଦ୍ୱାଜ, ଜି. ରାମକୃଷ୍ଣ ପ୍ରସାଦ, ମହମ୍ମଦ. ୱାସେ ଖାନ, କେ. ସି. ସୁଦର୍ଶନ, ଜୟନ୍ତ ମୁଥରାଜ, ୟୁ. ଉଦୟ କୁମାର ସାଗର, ସୁଶ୍ରୀ ଇନ୍ଦୁ ମାଲହୋତ୍ରା, ସୁଶ୍ରୀ ଏସ୍. ତ୍ରେହାନ, ଗୌରବ ବାନାର୍ଜୀ, ନବୀନ ପ୍ରକାଶ, ସୁଶ୍ରୀ ସେତିଆ ବୈଦ୍ୟଲିଙ୍ଗମ, ଏଲ୍. ଆର୍. ସିଂହ, ବିଜନ କୁମାର ଘୋଷ, ଏମ୍. କେ. ଡି. ନମ୍ବୁଦିରି, ରାଜୀବ ମେହେତା, ଏଚ୍. କେ. ପୁରୀ, ଏସ୍. କେ. ପୁରୀ, ଉଜ୍ଜ୍ୱଳ ବାନାର୍ଜୀ, ସୁଶ୍ରୀ ଅନିନ୍ଦିତା ଗୁପ୍ତା, ଏ. ମାରିୟାରପୁଥମ, ସୁଶ୍ରୀ ଅରୁଣା ମାଥୁର ।

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ଏହି ସମୂହ ଆଜ୍ଞାଦେଶ ଆବେଦନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ [ସଂକ୍ଷିପ୍ତରେ 'ୟୁଜିସି'] ଦ୍ୱାରା କିମ୍ବା ବୈଜ୍ଞାନିକ ଏବଂ ଔଦ୍ୱଗିକ ଅନୁସନ୍ଧାନ ପରିଷଦ [ସଂକ୍ଷିପ୍ତରେ 'ସିଏସଆଇଆର'] ଦ୍ୱାରା ଅଧୀନରେ ଏକ ଯୋଜନା ଅନୁଯାୟୀ ନିଯୁକ୍ତି ହୋଇଥିବା ଡକ୍ଟରେଟ ପରବର୍ତ୍ତୀ ଗବେଷଣା ସହଯୋଗୀମାନଙ୍କ ଦ୍ୱାରା ଦାଖଲ କରାଯାଇଛି । କେତେକ ଆବେଦନକାରୀ, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ରେ ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 4088/98 ଦାଖଲ କରିଥିଲେ ଏବଂ ଏହି ଆବେଦନଗୁଡିକୁ ଏହା ଦର୍ଶାଇ ଖାରଜ କରାଯାଇଥିଲା ଯେ ଆବେଦନକାରୀମାନେ ଚୁକ୍ତି

ଅବଧି ବାହାରେ ଗବେଷଣା ସହଯୋଗୀ ଭାବରେ ରହିବାର କୌଣସି ଅଧିକାର ଦାବି କରିପାରିବେ ନାହିଁ ଏବଂ ଚୁକ୍ତି ଅବଧି ସମାପ୍ତ ହେବା ପରେ ସେମାନଙ୍କର ଉକ୍ତ କ୍ଷମତାରେ ରହିବାର ଅଧିକାର ସମାପ୍ତ ହୁଏ । ସେହି ଆବେଦନକାରୀମାନେ ବର୍ତ୍ତମାନ ଏହି ନ୍ୟାୟାଳୟରେ ଅଛନ୍ତି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଗବେଷଣା ସହଯୋଗୀମାନଙ୍କର ଏକ ତାଲିକା ପ୍ରଦାନ କରିଛନ୍ତି ଏବଂ ବ୍ୟବହାରିକ ଭାବରେ ସମସ୍ତ ମାମଲାରେ ଗବେଷଣା କାର୍ଯ୍ୟ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ ଜାରି ରହି ନାହିଁ ଏବଂ କାର୍ଯ୍ୟକାଳ ସମାପ୍ତ ହେବା ପରେ ସେମାନଙ୍କର ଗବେଷକ ପଦ ସମାପ୍ତ ହୋଇଯାଇଛି ବୋଲି ମଧ୍ୟ ଏହା ଦ୍ୱାରା ବିବୃତ୍ତି ରଖାଯାଇଛି । ଆହୁରି ମଧ୍ୟ ଆମ ସମ୍ମୁଖରେ କୁହାଯାଇଛି ଯେ ପୂର୍ବରୁ ବିଶ୍ୱବିଦ୍ୟାଳୟ ଅନୁଦାନ ସଂସ୍ଥା 1998 ବର୍ଷ ପାଇଁ ଏହି ଯୋଜନାକୁ ବନ୍ଦ କରିଦେଇଥିଲା, କିନ୍ତୁ ସେହି ମାନଙ୍କ କ୍ଷେତ୍ରରେ ଏହି ଯୋଜନା ଜାରି ରହିଥିଲା ଯେଉଁମାନେ ବର୍ତ୍ତମାନର ଯୋଜନା ଅଧୀନରେ ସେଠାରେ ଗବେଷଣା ଜାରି ରଖିଛନ୍ତି ।

ଏହି ଯୋଜନା ଅଧୀନରେ, ଗବେଷଣା ସହଯୋଗୀ ପଦ ଅବଧି ପ୍ରାରମ୍ଭିକ ତିନି ବର୍ଷ ପାଇଁ ଥିଲା ଏବଂ ଏକ ବିଶେଷଜ୍ଞ କମିଟି ଦ୍ୱାରା ଆକଳନ ପରେ ଏହାକୁ ଏକ କିମ୍ବା ଦୁଇ ବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରଣ କରଯାଇ ପାରିବ । ଏପରି ଗବେଷଣା ସହଯୋଗୀ ପଦ ଏକ ନିଯୁକ୍ତି ହେବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ଚାକିରି ପାଇବା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ଯେଉଁଥିରେ ଗବେଷଣା ସହଯୋଗୀମାନଙ୍କୁ ଗବେଷଣା କରିବାକୁ ସୁଯୋଗ ଦିଆଯାଇଛି । ଯଦି ଜଣେ ଗବେଷଣା ସହଯୋଗୀ, ଏହି ପଦରେ ଥିବା ସମୟରେ ଅନ୍ୟ କୌଣସି ନିଯୁକ୍ତି ପାଆନ୍ତି, ତେବେ ସେ ଗବେଷଣା ସହଯୋଗୀ ପଦରୁ ଇସ୍ତଫା ଦେବା ନିମିତ୍ତ ଏବଂ ଏକ ନୂତନ ପଦବୀରେ ଯୋଗଦେବା ନିମିତ୍ତ ସ୍ୱାଧୀନ ଅଟନ୍ତି । ସେମାନଙ୍କୁ ଅଧ୍ୟାପକ ଭାବେ ମନୋନୀତ କରାଯାଇନଥିଲା ଏବଂ ସେମାନଙ୍କୁ ଦିଆଯାଉଥିବା ପାରିଶ୍ରମିକର ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରଚଳିତ ଯୋଜନାଗୁଡ଼ିକ ସହିତ କୌଣସି ସମ୍ପର୍କ ନାହିଁ ।

ଏହି ସହଯୋଗୀ ପଦର ଅସ୍ଥାୟୀ ପ୍ରକୃତିକୁ ବିଚାରକୁ ନେଇ, ଆଜ୍ଞାଦେଶ ଆବେଦନକାରୀମାନଙ୍କ ତରଫରୁ ଏହି ଆଜ୍ଞାଦେଶ ଆବେଦନଗୁଡ଼ିକରେ ଆମ ସମ୍ମୁଖରେ ଏହା ଦର୍ଶାଇ ଅନୁରୋଧ କରାଯାଇଛି ଯେ ଗବେଷଣା ସହଯୋଗୀ ଯୋଜନା କେବଳ ଗବେଷକ ବିଦ୍ୱାନମାନଙ୍କ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ମଧ୍ୟ ବହୁତ କ୍ଷତି ପହଞ୍ଚାଉଛି କାରଣ ଥରେ ଗବେଷଣା ସହଯୋଗୀ ପଦର କାର୍ଯ୍ୟକାଳ ସମାପ୍ତ ହେବା ପରେ ଗତ କିଛି ବର୍ଷ ମଧ୍ୟରେ ସେମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣାର ବୈଧତା କିମ୍ବା ପ୍ରୟୋଗତାର ଆକଳନ କରିବାର

କୌଣସି ଉପାୟ ନାହିଁ; ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଆକଳନ କରିପାରିବେ ନାହିଁ ଯେ ଏହି ପ୍ରସଙ୍ଗରେ ବର୍ଷ କୁ ବର୍ଷ ହୋଇଥିବା ଖର୍ଚ୍ଚ ସଠିକ୍ ଭାବରେ ବ୍ୟବହୃତ ହୋଇଛି କି ନାହିଁ ; ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଦ୍ୱାରା ବିଚାର କରାଯାଇଥିବା ଯୋଜନା ସ୍ପଷ୍ଟ ଭାବରେ ସୂଚିତ କରେ ଯେ ଗବେଷକମାନଙ୍କୁ ଅସ୍ଥାୟୀ ଆଧାରରେ ନିଯୁକ୍ତ କରାଯିବା ବ୍ୟତୀତ ଗବେଷଣା ସହଯୋଗୀ ପଦକୁ ସ୍ଥାୟୀ ଭାବରେ ବିବେଚନା କରାଯାଏ ; ଏହି ଯୋଜନା ଅଧୀନରେ ସ୍ଥିର ହୋଇଥିବା ସ୍ୱଳ୍ପ ଅବଧି ଗବେଷଣାର ଉଦ୍ଦେଶ୍ୟକୁ ନିରର୍ଥ କରିବ ଗବେଷକ ମାନଙ୍କ ପ୍ରକଳ୍ପରେ କୌଣସି ନିରନ୍ତରତା ନାହିଁ ଏବଂ ଥରେ କାର୍ଯ୍ୟକାଳ ଶେଷ ହେବା ପରେ, ଯଦି ସମ୍ପ୍ରସାରଣ ନହୁଏ, ତେବେ ଦୁଇ ବର୍ଷ ମଧ୍ୟରେ କରାଯାଇଥିବା ଅନୁସନ୍ଧାନ ବ୍ୟର୍ଥ ହୋଇଯିବ ; ଯଦି ଅନୁଷ୍ଠାନଗୁଡ଼ିକର ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନରେ ନିରନ୍ତର ଅନୁସରଣ ସହିତ ଚାକିରି ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଏ, ତେବେ ଏହା କେବଳ ବିଦ୍ୱାନମାନଙ୍କ ପାଇଁ ନୁହେଁ ବରଂ ଦେଶ ପାଇଁ ମଧ୍ୟ ଉପଯୋଗୀ ହେବ; ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଅଧୀନରେ ଗବେଷଣା ସହଯୋଗୀ ପଦ ହେଉଛି ଅନୁସନ୍ଧାନରେ ପ୍ରଥମ ଏବଂ ସମ୍ଭବତଃ ଏକମାତ୍ର ଉପାୟ ଯାହା ଦ୍ୱାରା ଡକ୍ଟରେଟ ଉପାଧିଧାରୀମାନେ ଗବେଷଣା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି । ଯଦି ସେମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରାଯାଏ, ତେବେ ସେମାନଙ୍କର ସହଯୋଗୀ ପଦ ଶେଷ ହେବା ସୁଦ୍ଧା ସେମାନେ ଅନ୍ୟ କୌଣସି ଚାକିରି ଖୋଜିବା ସ୍ଥିତିରେ ରହିବେ ଯାହା ଦ୍ୱାରା କି ଅନୁଷ୍ଠାନରେ ସେମାନଙ୍କର ସେବା ଉପଯୋଗୀ ଏବଂ ଫଳପ୍ରଦ ହେବ । ତେଣୁ, ସେମାନେ ଉତ୍ତରଦାତାମାନଙ୍କୁ ଏକ ଯୋଜନା ବିକଶିତ କରିବା ପାଇଁ ଏକ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରନ୍ତି ଯାହା ଦ୍ୱାରା ଦେଶରେ ଗବେଷଣା ଏବଂ ବିକାଶ, ଗବେଷଣା ସହଯୋଗୀମାନଙ୍କ ବୃତ୍ତି ଏବଂ ବୃଦ୍ଧି ଦ୍ୱାରା ସର୍ବୋତ୍ତମ ଭାବରେ ସମର୍ଥିତ ଏବଂ ଉପକୃତ ହେବ ଏବଂ ସେମାନଙ୍କୁ ଚାକିରି ସୁରକ୍ଷାର ଏକ ଭାବନା ମଧ୍ୟ ପ୍ରଦାନ କରିବ ।

ଏହି ଆଜ୍ଞାଦେଶ ଆବେଦନଗୁଡ଼ିକୁ ବିରୋଧ କରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଗବେଷଣା ସହଯୋଗୀ ଯୋଜନା ଯାହା 1983 ରେ ଆରମ୍ଭ ହୋଇଥିଲା ଏବଂ 1998 ରେ ବନ୍ଦ ହୋଇଯାଇଥିଲା, ତାହାର ପ୍ରକୃତି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି । ପରିକଳ୍ପନା କରାଯାଇଥିବା ଗବେଷଣା ଭାଷା ଏବଂ ବିଜ୍ଞାନ, ଯାନ୍ତ୍ରିକ ଏବଂ ପ୍ରଯୁକ୍ତିବିଦ୍ୟା ସମେତ ମାନବିକ ଏବଂ ସାମାଜିକ ବିଜ୍ଞାନରେ ମଧ୍ୟ ସ୍ୱାଧୀନ ଭାବରେ ଏବଂ ପ୍ରକଳ୍ପ ଆଧାରରେ କାର୍ଯ୍ୟ କରିବ ।ଯେଉଁମାନେ ଗତ ଦୁଇ ବର୍ଷ ମଧ୍ୟରେ ପିଏଚଡି ଲାଭ କରିଥିବେ ଏବଂ ସ୍ୱାଧୀନ ଗବେଷଣା ପାଇଁ

ପ୍ରତିଭା ଏବଂ ଦକ୍ଷତା ପ୍ରଦର୍ଶନ କରିଥିବେ ସେମାନଙ୍କ ପାଇଁ ଏହି ଯୋଜନା ଉପଲବ୍ଧ ଥିଲା ।**ବିଶ୍ୱବିଦ୍ୟାଳୟ** ଅନୁଦାନ ଆୟୋଗ ଦର୍ଶାଇଥିଲେ ଯେ ଗବେଷଣା ସହଯୋଗୀ ମାନଙ୍କୁ ଅଧ୍ୟାପକ ଭାବରେ ମନୋନୀତ କରାଯାଇ ନଥିଲା କିମ୍ବା ସେମାନଙ୍କର ପାରିଶ୍ରମିକ ଅଧ୍ୟାପକମାନଙ୍କ ସହିତ ତୁଳନାତ୍ମକ ନଥିଲା । ଗବେଷଣା ସହଯୋଗୀ କାର୍ଯ୍ୟ କୌଣସି ପଦବୀ ସୃଷ୍ଟି କିମ୍ବା ଅନ୍ୟ କୌଣସି ନିଯୁକ୍ତିର ପରିକଳ୍ପନା କରିବ ନାହିଁ ଏବଂ ଗବେଷଣା ସହଯୋଗୀମାନେ ନିର୍ଦ୍ଦିଷ୍ଟ ପଦବୀରେ କାର୍ଯ୍ୟ କରୁ ନାହାଁନ୍ତି କାରଣ ଏହିପରି କାର୍ଯ୍ୟ ପାଇଁ କୌଣସି ପଦବୀ ସୃଷ୍ଟି କରାଯାଇ ନାହିଁ । ଗବେଷଣା ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ଶିକ୍ଷାଦାନ କାର୍ଯ୍ୟ, ଯଦି କିଛି ଥାଏ, ତେବେ ତାହାକୁ ଗବେଷଣା କିମ୍ବା ପ୍ରଶିକ୍ଷଣର ଏକ ଅଂଶଭାବେ ବିବେଚନା କରାଯିବ, କିନ୍ତୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ନୁହେଁ । ଏହି ଗବେଷଣା କାର୍ଯ୍ୟର ଚୁକ୍ତିଭିତ୍ତିକ ପ୍ରକୃତି ସର୍ବାଧିକ ପାଞ୍ଚ ବର୍ଷ ପାଇଁ ଥିଲା ଏବଂ ଉକ୍ତ ଗବେଷଣା ସହଯୋଗୀମାନଙ୍କ ସ୍ଥାୟୀ ନିଯୁକ୍ତିର କୌଣସି ପ୍ରଶ୍ନ ନଥିଲା । ଏପରିକି ମେ 5,1997 ସୁଦ୍ଧା, ବିଶ୍ୱବିଦ୍ୟାଳୟ ନିଷ୍ପତ୍ତି ନେଇଥିଲେ ଯେ ଗବେଷଣା ସହଯୋଗି କାର୍ଯ୍ୟ କେବଳ ତିନି ବର୍ଷର ଅବଧି ପାଇଁ ଅସ୍ଥାୟୀ ଆଧାରରେ ଜାରି ରହିବା ଉଚିତ ଯାହା ଆହୁରି ଦୁଇ ବର୍ଷ ବୃଦ୍ଧି କରାଯାଇପାରିବ ଏବଂ ଏହାର ଶେଷରେ ଏହିପରି କାର୍ଯ୍ୟ ସମାପ୍ତ ହେବ । ଯେକୌଣସି ନୂତନ ଚୟନର ଆବେଦନ ଏବଂ ପ୍ରାସଙ୍ଗିକ ଗବେଷଣା ବର୍ଗରେ ନିଯୁକ୍ତି ପାଇଁ ଚୟନ ଦ୍ୱାରା ହେବ ଏବଂ ବିଶ୍ୱବିଦ୍ୟାଳୟ ଗବେଷଣା ବିଦ୍ୱାନମାନଙ୍କୁ ସ୍ଥାୟୀ କରିବା ସପକ୍ଷରେ ନଥିଲେ । ଏହି ଯୋଜନା କେବଳ ଡକ୍ଟରେଟ୍ ପରବର୍ତ୍ତୀ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଥିଲା ଏବଂ ଏହି କ୍ଷେତ୍ରରେ ବିଦ୍ୱାନମାନଙ୍କୁ ସ୍ଥାୟୀ କରିବା ସମ୍ଭବ ହେବ ନାହିଁ । ତଥାପି ପରେ ମାର୍ଚ୍ଚ 1998 ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପାଣ୍ଠିର ତୀବ୍ର ଅଭାବ ହେତୁ ନବମ ପଞ୍ଚବାର୍ଷିକ ଯୋଜନା ଶେଷରେ ଏହି ଯୋଜନାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହା ମଧ୍ୟ ସ୍ପଷ୍ଟ କରାଯାଇଥିଲା ଯେ ପ୍ରକଳ୍ପ ଅବଧି ପାଇଁ କାମଚଳା ଚୁକ୍ତିଭିତ୍ତିକ ପଦବୀ ଉପରେ ନିଜ ନିଜ ଅନୁଦାନ ଅଧୀନରେ ପ୍ରମୁଖ ଗବେଷଣା ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଗୁଣାତ୍ମକ କାର୍ଯ୍ୟକ୍ରମ ଯୋଜନା ଅଧୀନରେ ଗବେଷଣା ସହଯୋଗୀ ପଦବୀ ଉପଲବ୍ଧ ରହିବ ।**ବିଶ୍ୱବିଦ୍ୟାଳୟ** ଅନୁଦାନ ଆୟୋଗଙ୍କ ଯୋଜନା ଅଧୀନରେ, ସାରା ଦେଶରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଅଧୀନରେ 933 ଜଣ ଗବେଷଣା ସହଯୋଗୀମାନେ କାର୍ଯ୍ୟ କରୁଥିଲେ, ଯେଉଁମାନଙ୍କ ଖର୍ଚ୍ଚ ଥିଲା ବାର୍ଷିକ Rs. 9 9 କୋଟି ଟଙ୍କା ଯାହାକି ପରବର୍ତ୍ତୀ ସମୟରେ Rs.13 ରୁ Rs.14 କୋଟି ଟଙ୍କାକୁ ବୃଦ୍ଧି ପାଇବ । ବିଶ୍ୱବିଦ୍ୟାଳୟ ଅନୁଦାନ ଅୟୋଗରେ ଏପରି କୌଣସି ଗବେଷଣା ସହଯୋଗୀ ପଦବୀ ନାହିଁ ଏବଂ ଗବେଷଣାରତ ବିଦ୍ୱାନମାନେ ସାରା ଦେଶର ବିଭିନ୍ନ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିଲେ ଏବଂ ଏହିପରି ଅନୁଷ୍ଠାନଗୁଡ଼ିକର ନିଯୁକ୍ତି ପାଇଁ ସେମାନଙ୍କର

ନିଜସ୍ୱ ନିଯୁକ୍ତି ନିୟମ ଅଛି । କୌଣସି ଖାଲି ପଦବୀରେ ଗବେଷଣା ସହଯୋଗୀମାନଙ୍କୁ ନିଯୁକ୍ତି ଦେବା ଯୋଗ୍ୟ ପ୍ରାର୍ଥୀଙ୍କୁ ଉକ୍ତ ପଦବୀ ପାଇଁ ଆବେଦନ କରିବାର ସୁଯୋଗରୁ ବଞ୍ଚିତ କରିବା ସହିତ ସମାନ ହେବ ଏବଂ ତେଣୁ ସେହି ପଦବୀଗୁଡ଼ିକୁ ଗବେଷଣା ସହଯୋଗୀମାନଙ୍କ ପାଇଁ ଉପଲବ୍ଧ କରାଇବା ଉପଯୁକ୍ତ ହେବ ନାହିଁ ଏବଂ ଆହୁରି ସ୍ୱୟଂଶାସିତ ସଂସ୍ଥା ହୋଇଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକର ନିଜସ୍ୱ ପ୍ରାସଙ୍ଗିକ ନିଯୁକ୍ତି ନିୟମ ରହିଛି ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏହାର ଗବେଷଣା ସହଯୋଗୀ ଯୋଜନା ଏବଂ ଗବେଷଣା ବୈଜ୍ଞାନିକ ଯୋଜନା ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ସାମ୍ନାକୁ ଆଣିଛି । ଗବେଷଣା ବୈଜ୍ଞାନିକ ଯୋଜନା ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗବେଷଣା ବୈଜ୍ଞାନିକମାନଙ୍କ ଏକ ବର୍ଗ ନିର୍ମାଣ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଯାହା ଉତ୍କୃଷ୍ଟ ଯୋଗ୍ୟତା ଥିବା ବ୍ୟକ୍ତିମାନଙ୍କୁ ସୁଯୋଗ ପ୍ରଦାନ କରି ସାମାଜିକ ବିଜ୍ଞାନ ସମେତ ବିଜ୍ଞାନ, ଯାନ୍ତ୍ରିକ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ମାନବିକତାରେ ଉଚ୍ଚ ଗୁଣବତ୍ତା ଗବେଷଣାକୁ ପ୍ରୋତ୍ସାହିତ କରିବ । ଗବେଷଣା ସହଯୋଗୀମାନଙ୍କୁ ବିଶ୍ୱବିଦ୍ୟାଳୟରେ ଅନୁରୂପ ବର୍ଗ ତୁଳନାରେ ବହୁତ କମ୍ ପରିମାଣର ଏକ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦେଇ ରଖାଯାଇଥିଲା, ଆହୁରି ମଧ୍ୟ ଗବେଷଣା ବୈଜ୍ଞାନିକ ମାନେ ପାଉଥିବା ବେତନ ହାର ଅଧ୍ୟାପକ, ପ୍ରାଧ୍ୟାପକ ଏବଂ ପ୍ରଫେସରମାନେ ପାଉଥିବା ଅନ୍ୟ ସମସ୍ତ ସୁବିଧା ଯେପରିକି ମହଙ୍ଗା ଭତ୍ତା, ଭବିଷ୍ୟ ନିଧି ଇତ୍ୟାଦି ସହ ସମକକ୍ଷ ଅଟେ । ତେଣୁ ଗବେଷଣା ବୈଜ୍ଞାନିକ ଯୋଜନା ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କ ସହିତ ଏକ ସ୍ଥାୟୀତ୍ୱ ଏବଂ ସମାନତା ସୃଷ୍ଟି କରିଥିଲା । ଅନ୍ୟପକ୍ଷରେ, ଗବେଷଣା ସହଯୋଗୀ ଯୋଜନା କୌଣସି ପ୍ରକାରେ ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କ ସହିତ ସ୍ଥାୟୀତ୍ୱ ଏବଂ ସମାନତା ବିଷୟରେ ବିଚାର କରିନଥିଲା । ପି. ଏଚ୍. ଡି. ଡିଗ୍ରୀଧାରୀ ପ୍ରାର୍ଥୀମାନେ ଗବେଷଣା ସହଯୋଗୀ ପଦ ପାଇଁ ଆବେଦନ କରିବାକୁ ଯୋଗ୍ୟ ହୋଇଥିବାବେଳେ ଗବେଷଣା ବୈଜ୍ଞାନିକ ଯୋଜନାରେ ସର୍ବନିମ୍ନ ଗବେଷଣା ବୈଜ୍ଞାନିକ ବର୍ଗ 'A ' ପାଇଁ ପି. ଏଚ୍. ଡି. ସହିତ ଅତି କମ୍ ରେ ଦୁଇ ବର୍ଷର ଗବେଷଣା ଅଭିଜ୍ଞତା ନିହାତି ଦରକାର ଥିଲା ଏବଂ ଉକ୍ତ ଯୋଜନାକୁ ସଂଶୋଧନ କରଯାଇଥିଲା ଯାହାକି ପାଞ୍ଚ ବର୍ଷର ଏକ ଅଣ-ନବୀକରଣ ଅବଧି ପାଇଁ ଥିଲା ଏବଂ ବର୍ତ୍ତମାନ ପାଇଁ ଏହି ଯୋଜନାକୁ ବନ୍ଦ କରିଦିଆଯାଇଛି ।

ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦର ଆଭିମୁଖ୍ୟ ମଧ୍ୟ ସମାନ । ଏହି ଯୋଜନାର ମୁଖ୍ୟ ବିଶେଷତ୍ୱ ହେଉଛି ବୈଜ୍ଞାନିକମାନଙ୍କୁ ଅସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେବା, ଯାହାଦ୍ୱାରା କି ସେହି ଅବଧି ମଧ୍ୟରେ ସେମାନେ ନିୟମିତ ଭାବେ ନିଯୁକ୍ତି ପାଇବାର ସୁବିଧା

ପାଇପାରିବେ । ସେମାନଙ୍କୁ କୌଣସି ନିଯୁକ୍ତି ଦିଆଯାଇନଥାଏ, ବରଂ କୌଣସି ସରକାରୀ ବିଭାଗ କିମ୍ବା ରାଜ୍ୟ ଶିଳ୍ପ ଉଦ୍ୟୋଗ, ଜାତୀୟ ପରୀକ୍ଷାଗାର, ବିଶ୍ୱବିଦ୍ୟାଳୟ/ବୈଜ୍ଞାନିକ ଅନୁଷ୍ଠାନ ଇତ୍ୟାଦି ସହିତ ସଂଯୁକ୍ତ କରାଯାଇଥାଏ ଏବଂ ଏପରିକି ସେମାନେ ଘରୋଇ କ୍ଷେତ୍ରର କୌଣସି ପ୍ରତିଷ୍ଠାନ ସହିତ ମଧ୍ୟ ସଂଯୁକ୍ତ ହୋଇପାରନ୍ତି ।ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ଏପରି ଅଧିକାରୀମାନଙ୍କର ଏକ ସମୂହ ସୃଷ୍ଟି କରିବା, ଯାହା କୌଣସି ପଦବୀ ପାଇଁ ନୁହେଁ, ବରଂ ଏକ ବେକାରୀ ସହାୟତା ଭଳି ହେବ ଏବଂ ଅଧିକାରୀମାନଙ୍କର ଏକ ସମୂହ ଭାବରେ ଏପରି ବୈଜ୍ଞାନିକମାନଙ୍କ ନିଯୁକ୍ତି ତାଙ୍କୁ ନିୟମିତ ଭାବରେ ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ କିମ୍ବା ସରକାରୀ ବିଭାଗରେ କୌଣସି ନିଯୁକ୍ତିର ପ୍ରତିଶ୍ରୁତି ଦିଏ ନାହିଁ ।"ବୈଜ୍ଞାନିକ (ସହଯୋଗୀ) ଙ୍କ ତ୍ୱରିତ ନିଯୁକ୍ତି ଯୋଜନା" ନାମକ ଅନ୍ୟ ଏକ ଯୋଜନା ରହିଛି ଯାହା ଚୟନ ଆବଶ୍ୟକ କରେ ଏବଂ ଏହିପରି ସହଯୋଗୀମାନେ ତିନି ବର୍ଷରୁ ଅଧିକ ସମୟ ପାଇଁ ଏକ ଚୁକ୍ତିନାମାରେ ରହିବେ ଏବଂ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ ମଧ୍ୟ କରାଯାଇପାରେ । ବର୍ତ୍ତମାନ, ବୈଜ୍ଞାନିକ ସମୂହ ଯୋଜନା ଅଧୀନରେ ମୋଟ ବରିଷ୍ଠ ଗବେଷଣା ସହଯୋଗୀମାନଙ୍କ ମଧ୍ୟରୁ ମାତ୍ର 10 ପ୍ରତିଶତ ଅଛନ୍ତି ଏବଂ ସେହି ବୈଜ୍ଞାନିକମାନେ ଯେଉଁମାନେ 15 ବର୍ଷ କିମ୍ବା ତା 'ଠାରୁ ଅଧିକ ଗବେଷଣା ସେବା ପ୍ରଦାନ କରିଛନ୍ତି ଯେଉଁଥିରେ ବିଭିନ୍ନ ପ୍ରକାରର ଗବେଷଣା ସହଯୋଗୀ ଯୋଜନାରେ 13 ବର୍ଷର ଅଭିଜ୍ଞତା ଅନ୍ତର୍ଭୁକ୍ତ ଅଟେ ଏବଂ କେବଳ ଏହିପରି ବ୍ୟକ୍ତିବିଶେଷମାନେ ନିୟମିତ ପ୍ରତିଷ୍ଠାନରେ ନିଯୁକ୍ତି ହେବାକୁ ବିବେଚିତ ହୁଅନ୍ତି । ଏହା ଯୁକ୍ତି କରାଯାଇଛି ଯେ ଆବେଦନକାରୀମାନେ କୌଣସି ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦର ପରୀକ୍ଷାଗାରରେ କୌଣସି ଗବେଷଣା କରୁନାହାନ୍ତି କିମ୍ବା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦର ବ୍ୟବସ୍ଥାରେ 15 ବର୍ଷର ଗବେଷଣା କାର୍ଯ୍ୟ କରିନାହାନ୍ତି, ଯେଉଁ କାରଣରୁ ସେମାନଙ୍କୁ ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦରେ ନିୟମିତ ଚାକିରିରେ ନିଯୁକ୍ତି କରିବା ପାଇଁ ବିଚାର କରାଯାଇ ପାରିବ ନାହିଁ ଏବଂ ଏହି ଯୋଜନା ମୂଳ ଆବେଦନ ସଂଖ୍ୟା 83/96 ରେ ପ୍ରତିଭା ମିଶ୍ର ମାମଲାରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ଏକ ଆଦେଶରୁ ଉତ୍ପନ୍ନ ପ୍ରସଙ୍ଗରେ ଦେୱାନୀ ଆବେଦନ ସଂଖ୍ୟା 1680/1997ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଏକ ଆଦେଶ ଅନୁଯାୟୀ ପ୍ରସ୍ତୁତ କରାଯାଇଥିଲା ଏବଂ ଏହି ଦିଗକୁ ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ଏବଂ ଅନ୍ୟମାନେ ବନାମ ଡକ୍ଟର ଅଜୟ କୁମାର ଜେନ୍ [2000] 4 SCC186 ମାମଲାରେ ସ୍ପଷ୍ଟ କରାଗଲା । ତେଣୁ ଏହା ଯୁକ୍ତି କରାଯାଇଛି ଯେ ଏହି ଆବେଦନଗୁଡ଼ିକରେ ଯେଉଁ ପ୍ରକାରର ନିର୍ଦ୍ଦେଶକୁ ଅନୁରୋଧ କରାଯାଇଛି ତାହା ମଞ୍ଜୁର କରାଯାଇପାରିବ ନାହିଁ ।

ଭି. ଏଲ୍. ଚନ୍ଦ୍ରା ଏବଂ ଅନ୍ୟମାନେ ବନାମ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, [1990] 3 SCC 39 ମାମଲାରେ ଏହି ନ୍ୟାୟାଳୟଙ୍କର ଏକ ନିଷ୍ପତ୍ତି ଉପରେ ଆବେଦନକାରୀଙ୍କ ତରଫରୁ ନିର୍ଭର କରାଯାଇଥିଲା, ଯେଉଁଥିରେ ଗୋଟିଏ କିମ୍ବା ଅନ୍ୟ ପ୍ରକଳ୍ପରେ ଦୀର୍ଘ ସମୟ ଧରି ଅସ୍ଥାୟୀ ନିଯୁକ୍ତି ଜାରି ରହିଥିଲା ଏବଂ ପରେ ପ୍ରକଳ୍ପ ସମାପ୍ତ ହୋଇଯିବା ପରେ, ଏହିପରି ପ୍ରକଳ୍ପରେ ଗବେଷକମାନେ 10 ରୁ 15 ବର୍ଷ ଧରି କ୍ରମାଗତ ଭାବରେ କାର୍ଯ୍ୟ କରିଥିଲେ, ଯଉଁମାନଙ୍କ ସେବାକୁ ଅନ୍ୟ ପ୍ରକଳ୍ପ ନଥିବା କାରଣରୁ ବନ୍ଦ କରାଯାଇଥିଲା, ଯାହା ଅଧିକ ପ୍ରକଳ୍ପଗୁଡ଼ିକର ଅଭାବ କାରଣରୁ ଜୀବିକା ଉତ୍ସରୁ ବଞ୍ଚିତ ହେବାର ମାନବୀୟ ସମସ୍ୟାକୁ ଜନ୍ମ ଦେବ କାରଣ ବୟସ ବୃଦ୍ଧି ସହିତ ସେମାନେ ସରକାରୀ କିମ୍ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଚାକିରି ପାଇଁ ବଞ୍ଚିତ ହୋଇଥିଲେ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହିତ ସମନ୍ୱୟ ରକ୍ଷା କରି ଗବେଷକମାନଙ୍କ ଏକ ଦଳ ଗଠନ କରିବା ଏବଂ ଯେ ପର୍ଯ୍ୟନ୍ତ ସେମାନଙ୍କୁ ଗବେଷକମାନଙ୍କ ଦଳରେ ସାମିଲ କରିବା ଉପରେ ବିଚାର କରାଯାଇନାହିଁ ସେହି କ୍ଷେତ୍ରରେ ବ୍ୟଥିତ ବ୍ୟକ୍ତିବିଶେଷମାନଙ୍କୁ ଗବେଷକ ଭାବେ କିମ୍ବା କୌଣସି ଉପଯୁକ୍ତ ନିଯୁକ୍ତି ପ୍ରଦାନ କରିବା ଲାଗି ଏକ ଯୋଜନା ପ୍ରସ୍ତୁତ କରିବା ନିମିତ୍ତ ଏହି ନ୍ୟାୟାଳୟ ନିର୍ଦ୍ଦେଶ ଦେଲେ ।

ଡକ୍ଟର ଭି. ପି. ଚତୁର୍ବେଦୀ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1991] 4 SCC 171 ମାମଲାରେ, ଏହି ନ୍ୟାୟାଳୟ ଭି. ଏଲ୍. ଚନ୍ଦ୍ରଙ୍କ ମାମଲାରେ ଦିଆଯାଇଥିବା ନିଷ୍ପତ୍ତିକୁ ଅନୁସରଣ କରିଥିଲେ ଏବଂ ସେହି ମାମଲାରେ ମଧ୍ୟ ସମାନ ନିର୍ଦ୍ଦେଶ ଦିଆଯାଇଥିଲା ।ଡକ୍ଟର ଡି. ଅଜୟ କୁମାର ଜେନଙ୍କ ମାମଲାରେ ଏହି ନ୍ୟାୟାଳୟ ବରିଷ୍ଠ ବୈଜ୍ଞାନିକ ଗବେଷକ ଯୋଜନା ଅଧୀନରେ ବରିଷ୍ଠ ବୈଜ୍ଞାନିକ ଅଧିକାରୀ ଭାବରେ କିମ୍ବା ବୈଜ୍ଞାନିକ ଗବେଷଣା ସହଯୋଗୀ ଭାବରେ ଏକ ସୀମିତ ଅବଧି ପାଇଁ ଚୁକ୍ତି ଭିତ୍ତିରେ ପ୍ରମୁଖ ପ୍ରକଳ୍ପଗୁଡ଼ିକ ପାଇଁ ବୈଜ୍ଞାନିକମାନଙ୍କ [ଗବେଷକମାନଙ୍କ] ଶୀଘ୍ର ନିଯୁକ୍ତି ଯୋଜନା ଅଧୀନରେ ନିଯୁକ୍ତିର ଯୋଜନାକୁ ଯାଞ୍ଚ କରିଥିଲେ ଏବଂ ରାୟ ଦେଇଥିଲେ ଯେ ଏହା ସେମାନଙ୍କୁ ସେମାନଙ୍କର ସେବାର ନିୟମିତକରଣ ପାଇଁ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦରେ ସ୍ଥାୟୀ ନିଯୁକ୍ତି ପାଇଁ ସେମାନଙ୍କୁ ଯୋଗ୍ୟ ମନେ କରେ ନାହିଁ ଏବଂ ପ୍ରତିଭା ମିଶ୍ରଙ୍କ ମାମଲାରେ ନିଷ୍ପତ୍ତିରେ ପ୍ରଭେଦ ଦର୍ଶାଏ, ଯାହା ଆମେ ପୂର୍ବରୁ ଉଲ୍ଲେଖ କରିଛୁ ।

ବାସ୍ତବତା ହେଉଛି ଯେ ଏହି ମାମଲାଗୁଡ଼ିକ ମଧ୍ୟରୁ କୌଣସିଟିରେ ଆବେଦନକାରୀମାନେ 10 ରୁ 15 ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିନାହାଁନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନେ ଅସ୍ଥାୟୀ ଆଧାରରେ ବିଭିନ୍ନ ଯୋଜନା ଅଧୀନରେ କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ଏହି ଆଜ୍ଞାଦେଶ

ଆବେଦନଗୁଡ଼ିକରେ ଯାହା ଦାବି କରାଯାଇଛି ତାହା ନିୟମିତକରଣ ନୁହେଁ ଏବଂ ଆବେଦନକାରୀଙ୍କ ବିଦ୍ୱାନ ଅଧିବକ୍ତାଙ୍କ ତରଫରୁ ସେହି ସ୍ଥିତିକୁ ସ୍ପଷ୍ଟ କରାଯାଇଥିଲା । ଅନ୍ୟ ପକ୍ଷରେ ଯାହା ଉପସ୍ଥାପିତ ହୋଇଥିଲା ତାହା ଥିଲା ଯେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏବଂ ବୈଜ୍ଞାନିକ ଏବଂ ଔଦ୍ୱଗିକ ଗବେଷଣା ପରିଷଦ ବୈଜ୍ଞାନିକ ଅଗ୍ରଗତିକୁ ସମର୍ଥନ କରିବା ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ଉଚିତ ଯାହା ଗବେଷଣା ସହଯୋଗୀମାନଙ୍କୁ ଏପରି କାର୍ଯ୍ୟ ଜାରି ରଖିବା ପାଇଁ ଏକ ସୁସ୍ଥ ପରିବେଶ ପ୍ରଦାନ କରିବ ଏବଂ ଏହି ଗବେଷଣା ସହଯୋଗୀ ଯେଉଁମାନେ ଆମ ସମ୍ମୁଖରେ ଆବେଦନକାରୀ ଅଟନ୍ତି, ସେମାନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟରେ ସେମାନଙ୍କର ନିରନ୍ତରତା ପାଇଁ କେବଳ ଚାକିରି ସୁରକ୍ଷାର ଭାବନା ସହିତ ସେମାନେ ଏହିପରି କାର୍ଯ୍ୟ ଜାରି ରଖିପାରିବେ ଯାହା ସମଗ୍ର ଦେଶ ତଥା ଏହି ବ୍ୟକ୍ତିବିଶେଷମାନଙ୍କ ପାଇଁ ମଧ୍ୟ ଲାଭଦାୟକ ହେବ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ/ବୈଜ୍ଞାନିକ ଏବଂ ଔଦ୍ୱଗିକ ଗବେଷଣା ପରିଷଦ ଦ୍ୱାରା ବିକଶିତ ଏହି ଯୋଜନାଟି ପ୍ରାରମ୍ଭିକ ଭାବେ ପାଞ୍ଚ ବର୍ଷ ପାଇଁ ବେକାର ଥିବା ଗବେଷକମାନଙ୍କ ପାଇଁ କେବଳ ଏକ ସହାୟକ ଯୋଜନା ଥିଲା । ଏହି ଯୋଜନା ସେହି ଗବେଷକମାନଙ୍କୁ ଉପଲବ୍ଧ ଥିଲା ଯେଉଁମାନେ ପି. ଏଚ୍. ଡି. କରିଥିବେ ଏବଂ ଯେତେବେଳେ ସେମାନଙ୍କର କୌଣସି ଚାକିରି ନଥିବ, କାର୍ଯ୍ୟରେ ସକ୍ରିୟ ରହିବା ପାଇଁ ସେମାନଙ୍କର ପାଞ୍ଚ ବର୍ଷର ପ୍ରତୀକ୍ଷା ଅବଧି ଥିବ, ସେହି କ୍ଷେତ୍ରରେ କାର୍ଯ୍ୟକାଳ ଆଧାରରେ ଗବେଷଣା ଜାରି ରଖିବା ପାଇଁ ସେମାନଙ୍କୁ ସୁବିଧା ଯୋଗାଇ ଦିଆଯିବ ।

ଯଦି ଏହା ହେଉଛି, ତେବେ ଏହା କହିବା ଠିକ୍ ହେବ ନାହିଁ ଯେ କେବଳ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଗବେଷକମାନଙ୍କୁ ନିୟୋଜିତ କରାଯାଇଛି, କିନ୍ତୁ ସେମାନଙ୍କ ବେକାରୀ ସମୟରେ ସେମାନଙ୍କୁ ସମର୍ଥନ କରିବା ପାଇଁ ନୁହେଁ ଏବଂ ଯଦି ସେହି ଦିଗକୁ ଧ୍ୟାନରେ ରଖାଯାଏ, ତେବେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୱଗିକ ଗବେଷଣା ପରିଷଦ ଏପରି ପ୍ରାର୍ଥୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ସମର୍ଥନ ଦେବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି, ଯେଉଁ ସମୟରେ ସେମାନେ ଏକ ଉପଯୁକ୍ତ ବିଶ୍ୱବିଦ୍ୟାଳୟ କିମ୍ବା ଅନୁଷ୍ଠାନରେ କିମ୍ବା ଅନ୍ୟ କୌଣସି ସଂସ୍ଥାରେ ଚାକିରି ପାଇପାରିବେ, ତେବେ ଏହା କୁହାଯାଇପାରିବ ନାହିଁ ଯେ ଏପରି ଯୋଜନା ତ୍ରୁଟିପୂର୍ଣ୍ଣ ଥିଲା । ଅଧିକନ୍ତୁ ଏକ ସାମାଜିକ କଲ୍ୟାଣମୂଳକ ପଦକ୍ଷେପ ମାଧ୍ୟମରେ ଏପରି କାର୍ଯ୍ୟ କରାଯାଇଛି, କିନ୍ତୁ ଏହା କେବଳ ବୈଜ୍ଞାନିକ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ପାଇଁ ନୁହେଁ ଯାହା ଏହି ଯୋଜନା ଅଧୀନରେ ଏକ ଆନୁସଙ୍ଗିକ ଫଳାଫଳ ହୋଇପାରେ । ତେଣୁ ଏ ଦିଗରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୱଗିକ ଗବେଷଣା ପରିଷଦ ଦ୍ୱାରା ପ୍ରସ୍ତୁତ କରାଯାଉଥିବା କୌଣସି ଯୋଜନାକୁ ନିର୍ଦ୍ଦେଶ ଦେବା ଉଚିତ ନୁହେଁ । ଏହି ନ୍ୟାୟାଳୟ

କେବଳ ଏତିକି ଆଶା କରିପାରିବେ ଯେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କିମ୍ବା ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ ଏହି ବିଦ୍ୱାନମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣା କାର୍ଯ୍ୟକୁ ଧ୍ୟାନରେ ରଖିବେ ଏବଂ ଯେତେବେଳେ କୌଣସି ସୁଯୋଗ ଆସିବ ସେମାନଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ କରିବେ ।

ଉପରୋକ୍ତ ଅନୁଧ୍ୟାନ ସହିତ, ଏହି ଆଜ୍ଞାଦେଶ ଆବେଦନଗୁଡ଼ିକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଏସ୍. କେ. ଏସ୍. ଆଜ୍ଞାଦେଶ ଆବେଦନଗୁଡ଼ିକୁ ଖାରଜ କରାଗଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।